### ସାମ୍ବାଦିକ ସମ୍ମିଳନୀରେ ସରକାର ବିରୋଧରେ ବର୍ଷିଲା ନବ ନିର୍ମାଣ କୃଷକ ସଂଗଠନ

# ଚାଷୀ ସ୍ୱର ଦାବିବା ସରକାର ପାଇଁ ଅଭିଶାପ ପାଲଟିବ

ବଲାଙ୍ଗିର,୪।୫(ସମିସ)



ଚାଷୀଙ୍କ ବିଭିନ୍ନ ସମସ୍ୟା, ଚାଷୀଙ୍କୁ ସରକାରୀ ଅଣଦେଖା, ଚାଷୀଙ୍କୁ ପ୍ରାଇସ, ପ୍ରେଷ୍ଟିଜ ଓ ପେନସନ ଦାବି ନେଇ ନବ ନିର୍ମାଣ କୃଷକ ସଂଗଠନ ଆନ୍ଦୋଳନ କରି ଆସୁଛି। ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ ଏପ୍ରିଲ ୧୮ ତାରିଖରୁ କୃଷକ ସ୍ୱାଭିମାନ ଯାତ୍ରା ଆରମ୍ଭ ହୋଇଛି। ସୋମବାର ଏହା ବଲାଙ୍ଗିରରେ ପହଞ୍ଚିଛି। ଏନେଇ ନବ ନିର୍ମାଣ କୃଷକ ସଂଗଠନ ଏକ ସାମ୍ବାଦିକ ସମ୍ମିଳନୀ କରି ସରକାର ବିରୋଧରେ ଗର୍ଜିଛି। ଜିଲ୍ଲା ସଂଯୋଜକ ହିମାଂଶୁ ଶେଖର ସାହୁ ଏଥିରେ ଅଧ୍ୟକ୍ଷତା କରିଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର ଯୋଗ ଦେଇଥିଲେ। ଚାଷୀଙ୍କ ପାଇଁ ସ୍ୱର ଉଠାଉଥିବା ପ୍ରତିନିଧି ଓ ସଙ୍ଗଠନକୁ ରାଜ୍ୟ ସରକାର ବିଭିନ୍ନ ଆଳରେ ଚାପିବାକୁ ଉଦ୍ୟମ କରୁଥିବା ସେ ଅଭିଯୋଗ କରିଛନ୍ତି। ଚାଷୀଙ୍କ ସମସ୍ୟାକୁ ନେଇ କେନ୍ଦୁଝର ଜିଲ୍ଲା ଘଟଗାଁରୁ ଆରମ୍ଭ ହୋଇଥିବା କାର୍ଯ୍ୟକ୍ରମକୁ ରାଜ୍ୟ ସରକାର ପୁଲିସ ଲଗାଇ ବାଟରେ ଅଟକାଇବା ସହ ବେଆଇନ ଭାବେ ଗିରଫ କରିଥିଲେ। ଏପରିକି ସେମାନଙ୍କ ବିରୋଧରେ ଦେଶଦ୍ରୋହ ଭଳି ସଙ୍ଗୀନ ମାମଲା ରୁଜୁ କରି ଚୌଦ୍ୱାର ଜେଲକୁ ପଠାଇଥିଲେ। ତେବେ ଏମିତି କରି ସରକାର ସେମାନଙ୍କୁ ଅଟକାଇ ପାରିବେ ନାହିଁ ବୋଲି ସେ କହିଛନ୍ତି। ରାଜ୍ୟରେ କେବଳ ଚାଷୀଙ୍କ ସମସ୍ୟା ନୁହଁ; ଶ୍ରମିକ ଗରିବଙ୍କ ଅନେକ ସମସ୍ୟା ରହିଛି। ସେ ସବୁକୁ ସମ୍ମିଳିତ କରି ନବ ନିର୍ମାଣ କୃଷକ ସଂଗଠନ ସବୁ ବର୍ଗର ଲୋକଙ୍କୁ ଏକ କରିବ। ସରକାର ବିରୋଧରେ ସଂଘର୍ଷ ଜାରି ରଖିବ ବୋଲି ସେ କହିଛନ୍ତି। ଏହିକ୍ରମରେ ସଂଗଠନ ପକ୍ଷରୁ ଅକ୍ଷୟ କୁମାରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ କୃଷକ ସ୍ୱାଭିମାନ ଯାତ୍ରାରେ ଆସି ବଲାଙ୍ଗିରରେ ପହଞ୍ଚିଛନ୍ତି। ବିଭିନ୍ନ ଚାଷୀ ସଂଗଠନର ନେତାଙ୍କ ସହ ସେ ଆଲୋଚନା କରିଛନ୍ତି। ମେ ୧୪ ତାରିଖରେ ଭୁବନେଶ୍ୱରରେ ଏହି ସ୍ୱାଭିମାନ ଯାତ୍ରା ଶେଷ ହେବ। ସେଠାରେ ରାଜ୍ୟ ସରକାରଙ୍କ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ଅକ୍ଷୟ କୁମାର କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ସହ ସଂଯୋଜକ ରଶ୍ମିରଞ୍ଜନ ସ୍ୱାଇଁ, ଉପଦେଷ୍ଟା ଡ. କୁଳମଣି, ଯୁବ ଛାତ୍ର ସଂଗଠନ ରାଜ୍ୟ ସଂଯୋଜକ ମହମ୍ମଦ ମନୱର୍ ଅଲ୍ଲୀ, ସଂଗଠନର ଗଜପତି ପ୍ରଭାରୀ ରଣଜିତ୍ ପଟ୍ଟନାୟକ, ରାଜ୍ୟ କମିଟି ସଭ୍ୟ ପ୍ରଭାତ ମହାଳିକ, ରାମ ନାରାୟଣ ବ୍ରହ୍ମା, ବଲାଙ୍ଗିର ମିଳିତ କୃଷକ ମଞ୍ଚ ଆବାହକ ଆକାଶ ମିଶ୍ର, ଜିଲ୍ଲା କୃଷକ ମହାସଂଘ ସଭାପତି ଯତି ପଧାନ, ଚଗଲା ପରିଛା, ମଧୁ ସୁଦନ ଖେତି, କୋଶଳ କିଷାନ ସଭା ସଭାପତି କୌସ୍ତୁବ ସାହୁ, ଅରୁଣ ମିଶ୍ର ପ୍ରମୁଖ ଏଥିରେ ଯୋଗ ଦେଇଥିଲେ।

**ବଲାଙ୍ଗିରରେ ପହଞ୍ଚିଲା କୃଷକ ସ୍ୱାଭିମାନ ଯାତ୍ରା**

## ମନ ଛୁଇଁଲା 'ନୂଆ ସକାଳ'



ବଲାଙ୍ଗିର,୪।୫(ସମିସ): ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡିଶା ସଙ୍ଗୀତ ନାଟକ ଏକାଡେମୀ ଏବଂ ଓଡିଶା ନାଟ୍ୟ ସଂଘର ମିଳିତ ଆନୁକୂଲ୍ୟରେ ଭୁବନେଶ୍ୱର ଭଞ୍ଜ କଳା ମଣ୍ଡପରେ ନାଟ୍ୟଧାରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ସନ୍ଧ୍ୟାରେ ବଲାଙ୍ଗିର ଭବାନୀ ଶଙ୍କର କଳା ପରିଷଦର 'ନୂଆ ସକାଳ' ମଞ୍ଚସ୍ଥ ହୋଇଛି। ଦିଲୀପ ଦୀପଙ୍କ ରଚିତ ଏବଂ ରାଜେନ୍ଦ୍ର ମଲ୍ଲିକଙ୍କ ନିର୍ଦ୍ଦେଶିତ ଏହି ନାଟକରେ କୀର୍ତ୍ତି ରଂଜନ ସିଂ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ। ଓଡିଶା ନାଟ୍ୟ ସଂଘର ସାଧାରଣ ସମ୍ପାଦକ ସୁଧାଂଶୁ ମୋହନ ଦ୍ୱିବେଦୀ ସଭା ପରି.ଳନା କରିଥିଲେ। ବରିଷ୍ଠ ମଞ୍ଚ କଳାକର ଉପେନ୍ଦ୍ର ପତି ଏବଂ ବିଷ୍ଣୁଚରଣ ସ୍ୱାଇଁ ଅତିଥି ଭାବେ ଯୋଗ ଦେଇଥିଲେ। ନବୀନ କିଶୋର ବେହେରା, ଈଶ୍ୱରୀ ବେହେରା (ବେବି), ସନ୍ତୋଷ ଡାଙ୍ଗ, ସୁନାଧର ବଘାର, ଶିଶୁ କଳାକାର ରୂପେଶ ଠେଲା ପ୍ରମୁଖ ନାଟକର ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ। ଅଶୋକ ଦୀପ ଏବଂ ଯଦୁନାଥ ବାରିକ ଆଲୋକ ଏବଂ ମଞ୍ଚ ପରି.ଳନା କରିଥିଲେ। ସାଂପ୍ରତିକ ସମାଜରେ ବରିଷ୍ଠ ନାଗରିକଙ୍କ ଉପରେ ଆଧାରିତ ସମସ୍ୟାକୁ ନେଇ ନାଟକର କାହାଣୀ ଗତିଶିଳ ହୋଇଥିଲା।

## ୟୁନିଭର୍ସାଲ ପ୍ରାଉଟିଷ୍ଟ ଲେବର ଫେଡେରେସନର ବୈଠକ



ଜହ୍ନାପଙ୍କ,୪।୫(ସମିସ): ବୌଦ୍ଧ ଜିଲ୍ଲା ସଦର ବ୍ଲକ ଖୁଣ୍ଟବନ୍ଧ ପଞ୍ଚାୟତ ବୁରକଟା ଆନନ୍ଦମାର୍ଗ ଆଶ୍ରମରେ ପ୍ରାଉଟିଷ୍ଟ ୟୁନିଭର୍ସାଲ ଲେବର ଫେଡେରେସନ ବୌଦ୍ଧ ଜିଲ୍ଲା ଶାଖାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକର ନିଷ୍ପତ୍ତି କ୍ରମେ ବୌଦ୍ଧ ରାଜବାଟୀସ୍ଥିତ ମାହେଶ୍ୱରୀ ସଂସ୍କୃତି ଭବନଠାରେ ଏକ କାର୍ଯ୍ୟାଳୟ ତୁରନ୍ତ ଆରମ୍ଭ କରାଯିବ। ଜିଲ୍ଲାର ଅସହାୟ, ନିରୀହ, ଗରିବ ଶ୍ରମିକଙ୍କୁ ବିଭିନ୍ନ କ୍ଷେତ୍ରରେ ସେବା ପ୍ରଦାନ କରିବା ପାଇଁ ସଂକଳ୍ପ ନିଆଯାଇଛି। ସମସ୍ତ ସ୍ୱେଚ୍ଛାସେବୀ ଅତିକମ୍‌ରେ ୫୦ ଜଣ ଲେଖାଏଁ ନିଃଶୁଳ୍କ ପଞ୍ଜିକରଣ କଲାପରେ ବୌଦ୍ଧ ଜିଲ୍ଲା ସଦର ମହକୁମାରେ ଏକ ବିଶାଳ ଶୋଭାଯାତ୍ରା ଓ ସମାବେଶ କରିବା ପାଇଁ ସ୍ଥିର କରାଯାଇଛି। ୧୦ ତାରିଖରେ ଏକ ପ୍ରସ୍ତୁତି ବୈଠକ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି। କେଦାରନାଥ ସାହୁ ଅଧ୍ୟକ୍ଷତା କରିଥିଲେ। ଆଦିତ୍ୟ ପ୍ରଧାନ, ବୃନ୍ଦାବନ ବେହେରା, ଧରଣୀଧର ଲୌରିଆ, ରାମଚନ୍ଦ୍ର ପ୍ରଧାନ, ବୈକୁଣ୍ଠନାଥ ମାଝୀ, ଘାସିରାମ ମାଝୀ, ସୁଶାନ୍ତ ହୋତା, ମହୋନ ଲୌରିଆ, ଉତ୍ତର ପ୍ରଧାନ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। ଶେଷରେ ଆଦିତ୍ୟ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ଡାଇଭର୍ସନ ରାସ୍ତା ନିମ୍ନମାନର

ବୌଦ୍ଧ,୪।୫(ସମିସ): ବୌଦ୍ଧ ଜିଲ୍ଲାର ହରଭଙ୍ଗା ବ୍ଲକ୍ ଅଧୀନ ଧଳପୁର-ଖରସଙ୍କୁଲେଇ ପୂର୍ତ୍ତ ବିଭାଗ ରାସ୍ତା ବର୍ତ୍ତମାନ ସାଧାରଣ ଲୋକଙ୍କ ପାଇଁ ମରଣଯନ୍ତା ହୋଇପଡ଼ିଛି। ରାସ୍ତା ଉନ୍ନତୀକରଣ କାମ ଚାଲୁ ରହିଥିବା ସତ୍ତ୍ୱେ ଠିକା ସଂସ୍ଥାର ମନମୁଖୀ କାର୍ଯ୍ୟପ୍ରଣାଳୀ ଓ ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁଁ ଏଡି ରାସ୍ତା ଦେଇ ଯାଉଥିବା ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ମହାନଦୀ ବନ୍ୟାକୁ ଦୃଷ୍ଟିରେ ରଖି ଏହି ରାସ୍ତାକୁ ପ୍ରାୟ ୩ ମିଟର ଉଚ୍ଚ କରାଯାଉଛି। ବିଭିନ୍ନ ସ୍ଥାନରେ ପୋଲ ନିର୍ମାଣ କାମ ମଧ୍ୟ ଚାଲିଛି; କିନ୍ତୁ ପୋଲ ନିର୍ମାଣ ସ୍ଥାନ ଗୁଡିକରେ କରାଯାଇଥିବା ବିକଳ୍ପ ରାସ୍ତାଗୁଡ଼ିକ ଅତ୍ୟନ୍ତ ନିମ୍ନମାନର। କେବଳ ମାଟି ପକାଯାଇଛି। ଏହାଫଳରେ କଳାବୈଶାଖୀ ଯୋଗୁଁ ସାମାନ୍ୟ ବର୍ଷାରେ ସେହି ଡାଇଭର୍ସନ ରାସ୍ତାଗୁଡ଼ିକରେ ପାଣି ଜମି କାଦୁଆ ହେତୁ ଯାତାୟାତ ବାଧାପ୍ରାପ୍ତ ହେଉଛି। ଏହି ରାସ୍ତା ବୌଦ୍ଧ, କନ୍ଧମାଳ ଜିଲ୍ଲା ସହ ପଡ଼ୋଶୀ ଅନୁଗୁଳ ଜିଲ୍ଲାକୁ ସଂଯୋଗ କରୁଛି। ଏଣୁ ପ୍ରତିଦିନ ଶତାଧିକ ଯାନବାହନ ଏହି ରାସ୍ତାରେ ଯାତାୟାତ କରୁଛି। ଏହାସହ ହରଭଙ୍ଗା ଅଞ୍ଚଳରୁ ଜିଲ୍ଲା ମୁଖ୍ୟାଳୟକୁ ଯିବା ପାଇଁ ଏହା ମୁଖ୍ୟ ମାର୍ଗ। ସ୍କୁଲ-କଲେଜ ଛାତ୍ରଛାତ୍ରୀ ଓ ଚିକିତ୍ସା ସହ ଦୈନିକ କାର୍ଯ୍ୟରେ ଯାଉଥିବା ଲୋକମାନେ ବିଶେଷ ଭାବେ ଅସୁବିଧା ଭୋଗୁଛନ୍ତି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ ଠିକା ସଂସ୍ଥାର ଅନିୟମିତ କାର୍ଯ୍ୟ ଓ ବିଭାଗୀୟ ଅଧିକାରୀଙ୍କ ତରଫରୁ ନିୟମିତ ତଦାରଖ ନ ହେବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି।



## ବରିଷ୍ଠ ନାଗରିକ ମଞ୍ଚର କାର୍ଯ୍ୟକାରିଣୀ ବୈଠକ



ବଲାଙ୍ଗିର,୪।୫(ସମିସ): ସ୍ଥାନୀୟ ଜେଏସ୍‌ଏମ୍ କଲେଜ ପରିସରରେ ବଲାଙ୍ଗିର ଜିଲ୍ଲା ବରିଷ୍ଠ ନାଗରିକ ମଞ୍ଚର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ମଞ୍ଚର ସଭାପତି ପ୍ରଭାକର ମିଶ୍ର ସଭାପତିତ୍ୱ କରିଥିବାବେଳେ ମୁଖ୍ୟ ଉପଦେଷ୍ଟା ନାରାୟଣ ପାଢୀ ସ୍ୱାଗତ ଭାଷଣ ଦେଇଥିଲେ। କପିଳେଶ୍ୱର ଖମାରୀ ସଂପାଦକୀୟ ଅଭିଭାଷଣ ଦେଇଥିଲେ। ଉପଦେଷ୍ଟା ପଦ୍ମଚରଣ ଆ.ର୍ଯ୍ୟ, ଦୁର୍ଗା ପ୍ରସାଦ ହେତା, ସଭ୍ୟ ଶିବ ନାରାୟଣ ରଥ, ପୂର୍ଣ୍ଣଚନ୍ଦ୍ର ମେହେର, ପ୍ରମୋଦ ଗୁରୁ, ନବୀନ ନନ୍ଦ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। କୋଷାଧ୍ୟକ୍ଷ ତୁଙ୍ଗେନ୍ଦ୍ର ବେହେରା ଆୟ ବ୍ୟୟ, ଅର୍ଥ ସଂଗ୍ରହ ତଥା ଅଡିଟ ସଂପର୍କରେ ତଥ୍ୟ ଉପସ୍ଥାପନା କରିଥିଲେ। ସଂଗଠନ ସଂପାଦକ ବିନୟ ମିଶ୍ରଙ୍କ ନେତୃତ୍ୱରେ ଉପସଭାପତି ଇଂ. ହରେକୃଷ୍ଣ ମେହେର ଏବଂ ଅଶୋକ .ନ୍ଦ, କୃଷ୍ଣଚନ୍ଦ୍ର ନାଥ, ସୁରେନ୍ଦ୍ର ନେଗୀ, ଦୟାସାଗର ପଟେଲ ପ୍ରମୁଖ ଉପସ୍ଥିତ ଥିଲେ। ସହ ସଂପାଦକ ସୁନିଲ ଚନ୍ଦ୍ର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

## ପାଣି ପାଇଁ ସରପଞ୍ଚଙ୍କୁ ଘେରଉ

ଦେଓଗାଁ,୪।୫(ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ପଞ୍ଚାୟତ ମୁଖ୍ୟାଳୟରେ ଏବେ ପାନୀୟ ଜଳ ସଙ୍କଟ ଦେଖା ଦେଇଛି। ସ୍ଥାନୀୟ ସୋନଗଡ ନଦୀ କୂଳରେ ଥିବା ଗ୍ରାମ୍ୟ ପାନୀୟ ଜଳ ପ୍ରକଳ୍ପରୁ ଦେଓଗାଁ ଓ କଛାରପାଲି ଗାଁକୁ ଯୋଗାଣ ହେଉଥିବା ପାନୀୟ ଜଳ ଏବେ ଜଳ ଅଭାବରୁ ୨/୩ ଦିନରେ ଥରେ ଲେଖାଏଁ ଯୋଗାଣ ହେଉଛି। ତେବେ କମ୍ ସମୟ ପାଇଁ ପାଣି ଯୋଗାଣ ହେଉଥିବାରୁ ଦେଓଗାଁର କଲେଜ ଛକ, ଭଞ୍ଜପଡା, କଲୋନୀପଡା, ମାଷ୍ଟରପଡାକୁ ମୋଟେ ପାଣି ଯୋଗାଣ ହୋଇପାରୁନାହିଁ। ଏହାଫଳରେ ଏହି ପଡାବାସୀ ପିଇବା ପାଣି ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସୋମବାର ଦେଓଗାଁ କଲେଜ ଛକରେ ଥିବା ପଡାର ସମସ୍ତ ମହିଳା ଓ ପୁରୁଷ ପଞ୍ଚାୟତ ଅଫିସକୁ ଆସି ସରପଞ୍ଚ ନୀନା ଛତ୍ରିଆଙ୍କୁ ଘେରି ପାନୀୟ ଜଳ ଯୋଗାଇଦେବା ପାଇଁ ଦାବି କରିଥିଲେ। ପାଣି ନ ମିଳିବା ପର୍ଯ୍ୟନ୍ତ ସେମାନେ ଯିବେନାହିଁ ବୋଲି ଅଡି ବସିଥିଲେ। ଟ୍ୟାଙ୍କରରେ ପାଣି ଯୋଗାଇବା ପାଇଁ ସରପଞ୍ଚ ପ୍ରତିଶ୍ରୁତି ଦେବା ପରେ ପଡାବାସୀ ଶାନ୍ତ ହୋଇଥିଲେ। ତେବେ ସୋନଗଡ ନଦୀ ଶୁଖିଲା ରହୁଥିବାରୁ ଆଗକୁ ଦେଓଗାଁ ଅଞ୍ଚଳରେ ପାନୀୟଜଳ ସଙ୍କଟ ଦ୍ୱିଗୁଣିତ ହେବା ଆଶଙ୍କା ଦେଖା ଦେଇଛି। ଏହା ଏବେ ସାଧାରଣରେ ଚିନ୍ତା ବଢ଼ାଇ ଦେଇଛି।



## ହାତୀପାଲି ରାସ୍ତା ଅବସ୍ଥା ଶୋଚନୀୟ

କଣ୍ଟାମାଳ,୪।୫(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଖଲିଆପାଲି ପଞ୍ଚାୟତ ହାତୀପାଲି ଗାଁ ରାସ୍ତା ଶୋଚନୀୟ ହୋଇ ପଡିଛି। ସାମାନ୍ୟ ବର୍ଷାରେ ରାସ୍ତା ଅବସ୍ଥା ବିପର୍ଯ୍ୟସ୍ତ ହୋଇ ପଡ଼ିଛି। ବର୍ଷା ଦିନରେ ଲୋକେ ଏହାଦ୍ୱାରା ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ଗ୍ରାମବାସୀ ସ୍ଥାନୀୟ ସରପଞ୍ଚ, ଜିଲ୍ଲା ପରିଷଦ ଓ ବିଧାୟକଙ୍କୁ ଅଭିଯୋଗ କରିଆସୁଛନ୍ତି; ହେଲେ କେହି ଶୁଣୁନାହାନ୍ତି। ସମସ୍ତେ କେବଳ ପ୍ରତିଶ୍ରୁତି ଦେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।

## ବିଦ୍ୟୁତ୍ ଖୁଣ୍ଟ ପଡ଼ି ରାସ୍ତା ଅବରୋଧ



ଶଗଡା,୪।୫(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଖଟଖଟିଆ ପଞ୍ଚାୟତ ବ୍ରାହ୍ମଣୀ ଗାଁରେ ଗତ ୪ଦିନ ହେଲା ଅଜୟ କୁମାର ପ୍ରଧାନଙ୍କ ଘର ପାଖରେ ଏକ ବିଦ୍ୟୁତ୍ ଖୁଣ୍ଟ ପଡ଼ି ରାସ୍ତା ବନ୍ଦ ହୋଇଛି। ଖୁଣ୍ଟଟି କାଳବୈଶାଖୀ ପବନରେ ଢଳି ଘର ଉପରେ ଲାଗିଛି ଓ ବିଦ୍ୟୁତ ତାର ରାସ୍ତାରେ ଝୁଲି ରହିଛି। ଲୋକମାନେ ଯିବା ଆସିବାରେ ବହୁତ ହଇରାଣ ହେଉଛନ୍ତି। ଦୁର୍ଘଟଣା ଘଟିବାର ଆଶଙ୍କା ଦେଖା ଦେଇଛି। ବିଭାଗର ଟୋଲ ଫ୍ରି ନମ୍ବରରେ ଅଭିଯୋଗ ସହ ମନମୁଣ୍ଡା ବିଦ୍ୟୁତ ବିଭାଗୀୟ ଅଧିକାରୀଙ୍କୁ ଜଣାଇଲେ ବି କେହି ଶୁଣୁନାହାନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି।

## ସମ୍ବର୍ଦ୍ଧିତ ହେବେ ମାଟ୍ରିକ ମେଧାବୀ

ମନମୁଣ୍ଡା,୪।୫(ସମିସ): ମାଟ୍ରିକ ପରୀକ୍ଷାରେ ଏ-୧ ଏବଂ ଏ-୨ ଗ୍ରେଡ୍ ପାଇଥିବା ବୌଦ୍ଧ ଓ ସୁବର୍ଣ୍ଣପୁର ଜିଲ୍ଲାର ଛାତ୍ରଛାତ୍ରୀଙ୍କୁ ବସନ୍ତ ସୋସିଆଲ ଫାଉଣ୍ଡେସନ ସମ୍ବର୍ଦ୍ଧିତ କରିବ। ସେମାନଙ୍କୁ ଆର୍ଥିକ ପୁରସ୍କାର ଦିଆଯିବ ବୋଲି ଫାଉଣ୍ଡେସନର ଚେୟାରପର୍ସନ ରାଜଶ୍ରୀ ମିଶ୍ର ଏବଂ ଫାଉଣ୍ଡେସନର ନିର୍ଦ୍ଦେଶକ ବିକାଶ ନାରାୟଣ ମିଶ୍ର କହିଛନ୍ତି।

## ପାଟଣେଶ୍ୱରୀ ମନ୍ଦିର ସମସ୍ୟା ନେଇ ବୈଠକ



ବଲାଙ୍ଗିର,୪।୫(ସମିସ): ବଲାଙ୍ଗିର ପାଟଣାର ଇଷ୍ଟଦେବୀ ମାଁ ପଟଣେଶ୍ୱରୀ ଦେବୀଙ୍କ ମନ୍ଦିରକୁ ଅବହେଳା କରାଯାଉଛି। ଦେବାଳୟ ଐତିହ୍ୟ ସୁରକ୍ଷା କମିଟି ଏଭଳି ଅଭିଯୋଗ କରିବା ସହ ସରକାର ଓ ପ୍ରଶାସନ ଉପରେ ଅସନ୍ତୋଷ ପ୍ରକାଶ କରିଛି। ପ୍ରଶାନ୍ତ ମହାକୁରଙ୍କ ଆବାହକତ୍ୱରେ ମନ୍ଦିର ପ୍ରାଙ୍ଗଣରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିଲା। ଅର୍ଜୁନ ସାହୁ ସଭା ପରି.ଳନା କରିଥିଲେ। ପୂଜକ ମଧୁସୂଦନ ଦିସ୍ରୀ ମନ୍ଦିରର ବିଭିନ୍ନ ସମସ୍ୟା, ରକ୍ଷଣାବେକ୍ଷଣ ନେଇ କମିଟି ସହ ଆଲୋଚନା କରିଥିଲେ। ୧୯୯୩ରେ ନିର୍ମାଣ ହୋଇଥିବା ମାଁଙ୍କ ପରଭା ଫାଟି ଗଲାଣି। ମାଁଙ୍କ ପ୍ରତିମୂର୍ତ୍ତିରେ ଚୁନ ପଥର ପଡୁଛି। ଗମ୍ଭୀରା ଘର ମୁଖ୍ୟ ଗେଟ ଭାଙ୍ଗି ଯାଇଛି। ଏ ନେଇ ବାରମ୍ବାର ପ୍ରଶାସନକୁ ଜଣାଇଲେ ମଧ୍ୟ କିଛି କାର୍ଯ୍ୟକାରୀ ହୋଇନାହିଁ ବୋଲି କମିଟି ଅଭିଯୋଗ କରିଛି। ଜୟ କୁମାର ଆ.ର୍ଯ୍ୟ, କବିରାଜ ଭୋଇ, ରିଣ୍ଟୁ ସାହୁ, ସଂଜୟ ବିଶ୍ୱାଳ, ଭବାନୀ ଶଙ୍କର ଭୋଇ ପ୍ରମୁଖ ଏହି ବୈଠକରେ ଉପସ୍ଥିତ ଥିଲେ।

## ବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀ ପାଇଁ ପ୍ରସ୍ତୁତି

ଡୁଙ୍ଗୁରିପାଲି,୪।୫(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ସମଲେଇଟୁଆଁ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ପ୍ରଧାନ ଶିକ୍ଷକ ଆନନ୍ଦ ପଧାନ, ନରେନ୍ଦ୍ର ସାହୁ, ଡିଲେ ସାହୁ, ଦୌଲତ ମଲ୍ଲିକ, ଅବସରପ୍ରାପ୍ତ କର୍ମଚାରୀ ଘନଶ୍ୟାମ ପଧାନ, ସରପଞ୍ଚ ବିଭୁଦତ୍ତ ରାଜହଂସ, ବିଦ୍ୟାଳୟ ପରିଚାଳନା ସମିତି ଅଧ୍ୟକ୍ଷ ହୁତାସନ ସେଠୀ, ପ୍ରଧାନ ଶିକ୍ଷକ ଲୋକନାଥ ମେହେର, ଶିକ୍ଷକ ନାରାୟଣ ମେହେର, ହିମାଂଶୁ ସାହୁ, ଶିକ୍ଷକ ନାରାୟଣ ମେହେର, ଆଲୋକ ପଧାନ, ପ୍ରାଣବନ୍ଧୁ ସାହୁ, ରବୀନ୍ଦ୍ରନାଥ ଭୋଇ, କର୍ମଚାରୀ ଧନପତି ଦୀପ, ବିପିନ ବଗର୍ତି, ଅବସରପ୍ରାପ୍ତ ଖେଳ ଶିକ୍ଷକ ଅନନ୍ତ ନାରାୟଣ ବନଛୋର, ଗଜବନ୍ଧ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ନରେନ୍ଦ୍ର ପୁରୋହିତ, ପୁରାତନ ଛାତ୍ର ଶିଶିର ପଧାନ, ସୁଦାମ ଦୀପ, ଅଭିରାମ ଆଡବାଙ୍କ, ସୁନୀଲ ଗଡତିଆ, ଲାଭ ଷାଣ୍ଢ, ସୁଶାନ୍ତ ଭୋଇ, ଜଗବନ୍ଧୁ ପଧାନ, ରାଧାକାନ୍ତ ଗଡତିଆ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଲୋକଙ୍କ ଅଭିଯୋଗ ଶୁଣିଲେ ଜିଲ୍ଲାପାଳ, ଏସ୍‌ପି

ବଲାଙ୍ଗିର,୪।୫(ସମିସ): ବଲାଙ୍ଗିର ଜିଲ୍ଲା ପଞ୍ଚାୟତ ସାଧନ କେନ୍ଦ୍ର ବୈଠକ ଗୃହରେ ସୋମବାର ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାପାଳ ଗୌରବ ଶିୱାଜୀ ଇସଲୱାର ଏବଂ ଏସ୍‌ପି ଅଭିଳାଷ ଜୀ ଯୋଗଦେଇ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଲୋକଙ୍କ ସମସ୍ୟା ଓ ଅଭିଯୋଗ ଶୁଣିଥିଲେ। ଶିବିରରେ ୭୧ଟି ଅଭିଯୋଗ ପତ୍ର ପଞ୍ଜୀକୃତ ହୋଇଥିଲା। ୫୪ଟି ବ୍ୟକ୍ତିଗତ ଏବଂ ୧୭ଟି ସାହମୂହିକ ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା। ୭ଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା। ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ଦାଖଲ ହୋଇଥିବା ଅଭିଯୋଗ ପତ୍ରଗୁଡ଼ିକର ତୁରନ୍ତ ସମାଧାନ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିଥିଲେ। ବିଭିନ୍ନ ଗାଁରୁ ଆସିଥିବା ଲୋକମାନେ ନିଜ ନିଜ ସମସ୍ୟା ଉପସ୍ଥାପନ କରିଥିଲେ। ଜିଲ୍ଲାପାଳ ସମସ୍ତ ଅଭିଯୋଗ ଶୁଣିଥିଲେ। ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ସେଗୁଡ଼ିକ ସମାଧାନ କରିବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏହି ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ତରଣୀ ସୁନା, ବଲାଙ୍ଗିର ଉପଜିଲ୍ଲାପାଳ ଆଲୋକ ପଟେଲ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ମଦନଜିତ ହୋତା, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଧୀରେନ ସିଂ ବରିହା, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ପରିବାର କଲ୍ୟାଣ ଅଧିକାରୀ ପୁଷ୍ପାଞ୍ଜଳି ମିଶ୍ର, ଜିଲ୍ଲା ଯୋଗାଣ ଅଧିକାରୀ ରଞ୍ଜନ ପଣ୍ଡା, ଡେପୁଟି କଲେକ୍ଟର ନିବେଦିତା ସ୍ୱାଇଁ, ଜିଲ୍ଲା ଜରୁରୀକାଳୀନ ଅଧିକାରୀ ଶୋଭିନା ଭୋଇ, ବଲାଙ୍ଗିର ଗୋଷ୍ଠୀ ଉନ୍ନୟନ ଅଧିକାରୀ ହୃଷୀକେଶ ଗଣ୍ଡଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।



# ବେଆଇନ ଇଟାଭାଟିରୁ କାଠ ଜବତ





ଦେଓଗାଁ,୪।୫(ସମିସ)

ବଲାଙ୍ଗିର ଜିଲ୍ଲା ଦେଓଗାଁ ତହସିଲ ଅଧୀନ ବିଭିନ୍ନ ଗାଁରେ ବେଆଇନ ଇଟାଭାଟି ଗଢ଼ି ଉଠିଛି। ରାଜସ୍ୱ ଅଧିକାରୀଙ୍କ ନିଷ୍କ୍ରିୟତା ଯୋଗୁଁ ରାଜସ୍ୱ ଆଦାୟ ହୋଇପାରୁନି। ଇଟାଭାଟିକୁ ନେଇ ଅଭିଯୋଗ ପରେ ଫରେଷ୍ଟର ଜନ୍ମେଜୟ ପାଣିଗ୍ରାହୀଙ୍କ ନେତୃତ୍ୱରେ ଏକ ଟିମ୍ ସୋମବାର ଅପରାହ୍ନରେ ଉଡାର ପଞ୍ଚାୟତର ବ୍ରାହ୍ମଣୀପାଲି ଗାଁ ନିକଟ ଏକ ଇଟାଭାଟି ଉପରେ ଅତର୍କିତ ଚଢ଼ଉ କରାଯାଇଛି। ଇଟା ପୋଡିବା ପାଇଁ ରଖାଯାଇଥିବା ବିପୁଳ ପରିମାଣର କାଠ ଜବତ କରି ଦେଓଗାଁ ରେଞ୍ଜ ଅଫିସକୁ ନିଆଯାଇଛି। ଅଭିଯୋଗ ଅନୁସାରେ ଦେଓଗାଁ ତହସିଲ ଅଧୀନ କଛାରପାଲି, ମଦନପାଲି, ହାତୀସରା, ବ୍ରାହ୍ମଣୀପାଲି, ଲୁହୁରେନପାଲି, କୁକୁରଖାଇ, ସିଂହାମୁଣ୍ଡା, ବନ୍ଧପଡା, ବ୍ରାହ୍ମଣୀଯୋର ଆଦି ଗାଁରେ ଇଟା ଭାଟି ଚାଲିଛି। ଗତ ଶନିବାର ବ୍ରାହ୍ମଣୀପାଲି ନିକଟରେ ଗଢ଼ି ଉଠିଥିବା ଏକ ବେଆଇନ ଇଟାଭାଟିକୁ ଖବର ସଂଗ୍ରହ ପାଇଁ ଯାଇଥିବା ଏକ ଟିଭି ଚ୍ୟାନେଲର ସାମ୍ବାଦିକ ସଂଜୟ ମିଶ୍ରଙ୍କୁ ଇଟାଭାଟିର ମାଲିକ ଗାଡି ଲୁଟିବା ସହ ଅକ୍ରମଣ ଉଦ୍ୟମ କରିଥିଲେ। ସେ କୌଣସି ପ୍ରକାରେ ସେଠୁ ଖସି ଆସି ଥାନାରେ ଅଭିଯୋଗ କରିବା ପରେ ପୁଲିସ ଘଟଣାସ୍ଥଳକୁ ଯାଇ ସାମ୍ବାଦିକଙ୍କ ଗାଡିକୁ ଉଦ୍ଧାର କରି ଥାନାକୁ ଆଣିଥିଲା। ପରେ ଉଭୟ ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ ହୋଇ ତଦନ୍ତ ଚାଲିଥିବା ଥାନା ଅଧିକାରୀ ସବିତା ଠେମରିଆ ସୂଚନା ଦେଇଥିଲେ। ଅନ୍ୟପଟେ ଦେଓଗାଁ ବ୍ଲକର ୧୨୬ଟି ଗାଁରେ ହଜାର ସଂଖ୍ୟକ ଇଟାଭାଟି ଚାଲିଥିବା ଅଭିଯୋଗ ହେଉଛି। ହେଲେ ତହସିଲ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଇଟାଭାଟି ମାଲିକ ସହ ରାଜସ୍ୱ ଅଧିକାରୀଙ୍କ ଭିତିରି ବୁଝାମଣା ରହିଥିବା ଏବେ ସାଧାରଣରେ ଆଲୋଚନାର ବିଷୟ ପାଲଟିଛି। ଏନେଇ ତହସିଲଦାର ନର୍ମଦା ନାୟକଙ୍କ ମତ ଲୋଡିବାରୁ ରାଜସ୍ୱ ନିରୀକ୍ଷକମାନଙ୍କୁ କୁହାଯାଉଛି; ହେଲେ ଏ ପର୍ଯ୍ୟନ୍ତ କୌଣସି ରାଜସ୍ୱ ନୀରିକ୍ଷକ ବେଆଇନ ଇଟିଭାଟିକୁ ନେଇ ଗୋଟିଏ ବି କେସ୍ କରିନାହାନ୍ତି। ଏଣୁ କୌଣସି ଇଟାଭାଟିର ରାଜସ୍ୱ କଟା ଯାଇପାରୁନି। ଏବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।



ସୁଗଡ଼ାରେ କାଳବୈଶାଖୀ ତାଣ୍ଡବ

# ଉଡ଼ିଲା ଛପର, ଭାଙ୍ଗିଲା ଗଛ

ଦେବଗଡ଼, ୪।୫(ସମିସ)

ତିଲେଇବଣି ବ୍ଲକ ଅନ୍ତର୍ଗତ ସୁଗଡ଼ା ଗ୍ରାମରେ ଆଜି ଅପରାହ୍ନରେ କାଳବୈଶାଖୀ ପ୍ରଭାବରେ ବ୍ୟାପକ କ୍ଷୟକ୍ଷତି ହୋଇଥିବା ଜଣାପଡ଼ିଛି। ସୁଗୁଡ଼ା ଗ୍ରାମର ସଚିନ ଅଗ୍ରୱାଲ, ଜଟକିଶୋର ସାହୁ, ଭାଗ୍ୟରଥି ସାହୁ, ଭକ୍ତବନ୍ଧୁ ସାହୁ, ସୁଶାନ୍ତ ବିଶ୍ୱାଳଙ୍କ ସମେତ ଗ୍ରାମର ବହୁ ଲୋକଙ୍କ ଘରର ଛପର ଓ ଆଜବେଷ୍ଟ ଭାଙ୍ଗି ନଷ୍ଟ ହୋଇଯାଇଛି। ଏଥିସହିତ ସୁଗୁଡା ଗ୍ରାମର ମୁଖ୍ୟ ବଜାରରେ ଥିବା ଦୋକାନ ଘର, କୁକଡ଼ା ଫାର୍ମ ମଧ୍ୟ ନଷ୍ଟ ହୋଇଯାଇଛି। ସେହିପରି ବିଭିନ୍ନ ସ୍ଥାନରେ ଗଛ ଉପୁଡିପଡ଼ି ଘର ଉପରେ ପଡ଼ିଯାଇଥିବାବେଳେ ବିଦ୍ୟୁତ ଖୁଣ୍ଟ ମଧ୍ୟ ଭାଙ୍ଗିଯାଇଛି। ଅନ୍ୟପକ୍ଷରେ କ୍ଷତିଗ୍ରସ୍ତ ଗ୍ରାମବାସୀଙ୍କ କ୍ଷୟକ୍ଷତିର ଆକଳନ କରି ତୁରନ୍ତ କ୍ଷତିପୂରଣ ପ୍ରଦାନ କରିବା ପାଇଁ ସାଧାରଣରେ ଦାବି ହୋଇଛି।

# ଝାରସୁଗୁଡ଼ା ଜିଲ୍ଲାର ଦୁଇ ମାଟ୍ରିକ ଟପ୍ପରଙ୍କୁ ସମ୍ବର୍ଦ୍ଧନା



**ଝାରସୁଗୁଡା, ୪।୫ (ସମିସ):** ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଝାରସୁଗୁଡା ଜିଲ୍ଲାର ଦୁଇଜଣ ମାଟ୍ରିକ ଟପ୍ପରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ସରକାରୀ ମୁନ୍‌ସିପାଲ ହାଇସ୍କୁଲର ଏକତାଲିର ଛାତ୍ର ନମନ ପ୍ରଧାନ ଏବଂ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର, ଝାରସୁଗୁଡାର ଛାତ୍ର ସୁଦାମ ବେହେରାଙ୍କୁ ଫଳ ଉପହାର ଦେଇ ସମ୍ମାନିତ କରିଥିଲେ। ଉଭୟ ଛାତ୍ର ୯୬.୩୩ ପ୍ରତିଶତ ନମ୍ବର ରଖି ସମଗ୍ର ଓଡ଼ିଶାରେ ଶ୍ରେଷ୍ଠ ୫ ଜଣ ମେଧାବୀଙ୍କ ମଧ୍ୟରେ ସ୍ଥାନ ଅଧିକାର କରି ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। ଏହି ଅବସରରେ ଜିଲ୍ଲା ଶିକ୍ଷା ଅଧିକାରୀ ଡ. ରାଧାକାନ୍ତ ଗଡ଼ତିଆ ଏବଂ ବ୍ଲକ ଶିକ୍ଷା ଅଧିକାରୀ ଆନୀଲ କୁମାର ପଟେଲ ସହିତ ଉଭୟ ଛାତ୍ର, ସେମାନଙ୍କ ଅଭିଭାବକ ଓ ଶିକ୍ଷକମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଜିଲ୍ଲାପାଳ ଚହ୍ୱାଣ ଉଭୟ ଛାତ୍ରଙ୍କୁ ଅଭିନନ୍ଦନ ଜଣାଇବା ସହ ଭବିଷ୍ୟତରେ ଭଲ ମଣିଷ ହେବା ସହ ଏଭଳି ପରିଶ୍ରମ ଜାରି ରଖିଲେ ସେମାନେ ନିଶ୍ଚୟ ସଫଳତାର ଶୀର୍ଷରେ ପହଞ୍ଚି ପାରିବେ ବୋଲି କହିଥିଲେ।

# ହରିହରା ନନ୍ଦ ଉଚ୍ଚ ବିଦ୍ୟାଳୟରେ ଅବସରକାଳୀନ ସମ୍ବର୍ଦ୍ଧନା



**ରେଢାଖୋଲ, ୪।୫ (ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ ଲୁହାପଙ୍କ ପଞ୍ଚାୟତସ୍ଥିତ ସ୍ୱାମୀ ହରିହରା ନନ୍ଦ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ କୈଳାସ ଚନ୍ଦ୍ର ବେହେରାଙ୍କ ଅବସର ରେ ଏକ ଅବସର କାଳୀନ ସମ୍ବର୍ଦ୍ଧନା ସଭା ପୂର୍ବତନ ଛାତ୍ରଛାତ୍ରୀଙ୍କ ଦ୍ୱାରା ଆୟୋଜନ କରାଯାଇଥିଲା। ଏହି ସ୍କୁଲର ପ୍ରତିଷ୍ଠାତା ସଭାପତି ଶ୍ରୀଯୁକ୍ତ ସତ୍ୟନାରାୟଣ ପ୍ରଧାନ ସ୍କୁଲର ପ୍ରତିଷ୍ଠାତା ସମ୍ପାଦକ ବୈରାଗୀ ଖିଲାରି ଓ ପୂର୍ବରୁ ଅବସର ନେଇଥିବା ସହକାରୀ ଶିକ୍ଷକ ବୈକୁଣ୍ଠ ଚରଣ ସାହୁ, ହେଡକ୍ଲର୍କ ପ୍ରଦିପ ପ୍ରଧାନ ସହକାରୀ କର୍ମଚାରୀ ଅଚ୍ୟୁତାନନ୍ଦ ପ୍ରଧାନ ଓ ସହକାରୀ ଶିକ୍ଷକ ସ୍ୱର୍ଗତ ଜଗବନ୍ଧୁ ପ୍ରଧାନଙ୍କ ଧର୍ମପତ୍ନୀ ସନ୍ଧ୍ୟାରାଣୀ ପ୍ରଧାନ, ପୂର୍ବତନ ଶିକ୍ଷକ ଅରୁଣ ପ୍ରଧାନ, ଖିରୋଦ ପଣ୍ଡାଙ୍କୁ ମଞ୍ଚାସୀନ କରି ସମ୍ବର୍ଦ୍ଧନା କରାଯାଇଥିଲା। ସ୍ୱର୍ଗତ ସହକାରୀ ଶିକ୍ଷକ ଜଗବନ୍ଧୁ ପ୍ରଧାନଙ୍କ ଧର୍ମପତ୍ନୀ ସନ୍ଧ୍ୟାରାଣୀ ପ୍ରଧାନଙ୍କୁ ବିଦ୍ୟାଳୟର ପୂର୍ବତନ ଛାତ୍ରଛାତ୍ରୀ ତରଫରୁ ଏକ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇଥିଲା। ପୂର୍ବତନ ଛାତ୍ର ସଂସଦ ସଭାପତି ଅଜୟ କୁମାର ସାହୁ, ସମ୍ପାଦକ ଜୟନ୍ତ ପ୍ରଧାନ କାର୍ଯ୍ୟକ୍ରମକୁ ତତ୍ତ୍ୱାବଧାନ କରିଥିଲେ।ସ୍କୁଲକୁ ଜମିଦାନ କରିଥିବା ଓ ସ୍କୁଲର ନିର୍ମାଣରେ ଯୋଗଦାନ ଥିବା ସମସ୍ତଙ୍କୁ ସମ୍ମାନିତ ଅତିଥି ଭାବେ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମର ସଦସ୍ୟ ସଂଗ୍ରାମ କେଶୋରୀ ପ୍ରଧାନ, ଶାନ୍ତିନୁ ପ୍ରଧାନ, ପରମାନନ୍ଦ ବେହେରା, ଆଶିଷ ପ୍ରଧାନ, ପରମା ପ୍ରଧାନ, ନରେଶ ବେହେରା, ଅଜିତ ବେହେରା, ରଜତ ଦେହୁରୀ, ପପୁନ ପ୍ରଧାନ, ଉତ୍ତମ ଦେହୁରୀ, ରଞ୍ଜିତ ବେହେରା, ବିନୋଦ ସ୍ୱାଇଁ, କୈବର୍ତ୍ତ ସାହୁ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ତୁଲାଇଥିଲେ। ସହକାରୀ ଶିକ୍ଷକ ରମଣୀ ରଞ୍ଜନ ପ୍ରଧାନ ଏବଂ ଅରବିନ୍ଦ ପ୍ରଧାନ ସମସ୍ତ କାର୍ଯ୍ୟ ତୁଲାଇଥିଲେ। କାର୍ଯ୍ୟକ୍ରମକୁ ପରିଚାଳନାରେ ପୂର୍ବତନ ଛାତ୍ର ଶାନ୍ତପ୍ରିୟ ପ୍ରଧାନ, କୃଷ୍ଣ ଚନ୍ଦ୍ର ସାହୁ, ଜୟନ୍ତ ପ୍ରଧାନ ଆଗେଇ ନେଇଥିଲେ। ଶେଷରେ ପୂର୍ବତନ ଛାତ୍ର କୃଷ୍ଣଚନ୍ଦ୍ର ସାହୁ କାର୍ଯ୍ୟକାରି ସଭାପତି ଅଜୟ କୁମାର ସାହୁ, ସମ୍ପାଦକ ଜୟନ୍ତ ପ୍ରଧାନ, ସହ ସମ୍ପାଦକ ନରେଶ ବେହେରା ଓ ସମସ୍ତ କାର୍ଯ୍ୟକାରୀ ସଦସ୍ୟଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ୪ ଚୋରା ବାଇକ ଜବତ; ଜଣେ ଗିରଫ

**ରାଉରକେଲା, ୪।୫(ସମିସ):** ସ୍ଥାନୀୟ ପ୍ଲାଣ୍ଟସାଇଟ୍ ଥାନା ଅନ୍ତର୍ଗତ ଗାନ୍ଧି ରୋଡ ଅଞ୍ଚଳରୁ ପୁଲିସ ୪ଟି ଚୋରା ମୋଟର ସାଇକେଲ ଜବତ କରିଛି। ଏହି ଘଟଣାରେ ପୁଲିସ ଗାନ୍ଧି ରୋଡ ଅଞ୍ଚଳର ଶିବ ଲୋହାର (୨୧) ନାମକ ଜଣେ ଯୁବକକୁ ଗିରଫ କରିଛି। ସୂଚନାନୁଯାୟୀ, ଗତ ୩ ତାରିଖରେ ଦୁଇଟି ସ୍କୁଟି ଓ ଦୁଇଟି ବାଇକ୍ ଚୋରି ହୋଇଥିବା ନେଇ ପ୍ଲାଣ୍ଟସାଇଟ୍ ଥାନାରେ ଅଭିଯୋଗ ହୋଇଥିଲା। ଏନେଇ ଥାନାରେ ଏକ ମାମଲା ରୁଜୁ ହୋଇଥିଲା। ଥାନା ଅଧିକାରୀ ବିଭସ୍ମ ପ୍ରଧାନଙ୍କ ନେତୃତ୍ୱରେ ଏକ ଟିମ୍ ଚଢ଼ଉ କରି ଚୋରି ହୋଇଥିବା ଦୁଇଟି ସ୍କୁଟି ଓ ଦୁଇଟି ବାଇକ୍‌କୁ ଜବତ କରିବା ସହ ଅଭିଯୁକ୍ତ ଶିବକୁ ଗିରଫ କରିଥିଲା। ଅଭିଯୁକ୍ତ ନାମରେ ପୂର୍ବରୁ ପ୍ଲାଣ୍ଟସାଇଟ୍ ଥାନାରେ ତିନୋଟି ମାମଲା ରହିଥିବା ଥାନା ଅଧିକାରୀ ସୂଚାଇଛନ୍ତି।

# ଟେନ୍‌ସା ଟିପ୍ପର ସଙ୍ଘ ପକ୍ଷରୁ ଜଳଛତ୍ର ଶୁଭାରମ୍ଭ



**କୋଇଡା, ୪।୫(ସମିସ):** ଟେନ୍‌ସା ଖଣି ଅଞ୍ଚଳରେ ଜନସାଧାରଣ, ଚାଳକ ସହ ସହଚାଳଙ୍କ ସୁବିଧା ନିମନ୍ତେ ଟେନ୍‌ସା ଟିପର ମାଲିକ ସଙ୍ଘର ନୂତନ ଭାବେ ନିର୍ବାଚିତ ସଭାପତି ପ୍ରଶାନ୍ତ କୁମାର ମହାନ୍ତିଙ୍କ ନେତୃତ୍ୱରେ ଟେନ୍‌ସା ଟ୍ରକ୍ ଟର୍ମିନାଲ ଏବଂ ଟେନସା ବୀର ବିର୍ଷା ମୁଣ୍ଡାଙ୍କ ପ୍ରତିମୂର୍ତ୍ତି ନିକଟରେ ଦୁଇଟି ଜଳଛତ୍ରର ଲୋକାର୍ପଣ କରାଯାଇଛି। ପ୍ରଥମ ଦିନରେ ଜନ ସାଧାରଣଙ୍କ ପାଇଁ ଦହି ପାଣିର ବ୍ୟବସ୍ଥା ହୋଇଥିଲା। ପରବର୍ତ୍ତି ଖରା ସମୟ ପ୍ରତ୍ୟେକ ଦିନ ପାଣିର ବ୍ୟବସ୍ଥା ଜାରି ରହିବ ବୋଲି ସଙ୍ଘ ସଭାପତି ଜଣାଇଥିଲେ।

# ଚଷା ସମାଜର ବୈଠକ

**ସମ୍ବଲପୁର, ୪।୫ (ସମିସ) :** ଓଡ଼ିଶା ସାଂସ୍କୃତିକ ସମାଜ ସଭାକକ୍ଷରେ ରବିବାର ଚଷା ସମାଜ ଭାଇଭଉଣୀ ମାନଙ୍କ ଅଧିକାର, ସମୃଦ୍ଧି ଏବଂ ସେମାନଙ୍କର ସମସ୍ୟାର ସମାଧାନ ପାଇଁ ଚଷା ସମାଜ ରାଜ୍ୟ କାର୍ଯ୍ୟକାରିଣୀ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଚଷା ସମାଜ, ସମ୍ବଲପୁରର ସଭାପତି ଡଃ ନୌବିହାରୀ ପ୍ରଧାନଙ୍କ ନେତୃତ୍ୱରେ ଆୟୋଜିତ ବୈଠକରେ ବିଭିନ୍ନ ଜିଲ୍ଲାର ପ୍ରତିନିଧିମାନେ ଅଂଶଗ୍ରହଣ କରିଥିଲେ। ବୈଠକରେ ରାଜ୍ୟସ୍ତରୀୟ ସଭାପତି ସୁରେନ୍ଦ୍ର ପ୍ରଧାନ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଆସନ୍ତା ଜୁନ୍ ୨୮ ତାରିଖରେ ରାଜ୍ୟସ୍ତରୀୟ ନୂତନ କର୍ମକର୍ତ୍ତା ଚୟନ ଲାଗି ସମ୍ବଲପୁରଠାରେ ସମାବେଶ ଆୟୋଜନ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ଏହାସହ ଚଷା ସମାଜର ସମସ୍ତ ସମସ୍ୟା ସମ୍ପର୍କରେ ବିଶଦ ଭାବେ ଆଲୋଚନା ହୋଇଥିଲା। ବୈଠକରେ ସମ୍ବଲପୁର ଚଷା ସମାଜର ଉପଦେଷ୍ଟା ଉତ୍ତମ ପ୍ରଧାନ, ସମ୍ପାଦକ ନାରାୟଣ ଦେହୁରୀ, ସହସମ୍ପାଦକ ପ୍ରହଲ୍ଲାଦ କୁମାର ସାହୁ, କୋଷାଧ୍ୟକ୍ଷ କରୁଣାକର ବିଶ୍ୱାଳ, ସହକୋଷାଧ୍ୟକ୍ଷ ସରୋଜ ପ୍ରଧାନ, ସାଙ୍ଗଠନିକ ସମ୍ପାଦକ ସଦାଶିବ ପ୍ରଧାନ, ସହସାଂଗଠନିକ ସମ୍ପାଦକ ବିଷ୍ଣୁଚରଣ ପ୍ରଧାନ, ଯୁଯୋମୁରା ସଭାପତି ଜୟନ୍ତ ପ୍ରଧାନ, ରେଢ଼ାଖୋଲରୁ ଦିବାକର ପ୍ରଧାନ ଓ ପ୍ରମୋଦ କୁମାର ସାହୁ, ବଡ଼ମାଳରୁ ପ୍ରଶାନ୍ତ ପ୍ରଧାନ, ନାକଟିଦେଉଳରୁ ସୁଦାମ ଚରଣ ପ୍ରଧାନ ପ୍ରମୁଖ ବହୁସଂଖ୍ୟାରେ ସଦସ୍ୟମାନେ ଯୋଗ ଦେଇଥିଲେ। ଶେଷରେ ଶରତ ଚନ୍ଦ୍ର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ୫ରୁ ୧୪ ବର୍ଷରୁ କମ୍ ଗ୍ରୀଷ୍ମକାଳୀନ ଫୁଟବଲ ଶିବିର

**ସମ୍ବଲପୁର, ୪।୫ (ସମିସ) :** ଓଡ଼ିଶା ରାଜ୍ୟ ଫୁଟବଲ ସଂଘର ତତ୍ତ୍ୱାବଧାନରେ ଜିଲ୍ଲା କ୍ରୀଡା ସଂଘ, ସମ୍ବଲପୁର ଆନୁକୂଲ୍ୟରେ ସମ୍ବଲପୁର ଜିଲ୍ଲାସ୍ତରୀୟ ସବ-ଜୁନିୟର (୧୪ ବର୍ଷରୁ କମ) ବାଳକ ଓ ବାଳିକା ଗ୍ରୀଷ୍ମକାଳୀନ ଫୁଟବଲ ପ୍ରଶିକ୍ଷଣ ଶିବିର ଆସନ୍ତା ୫ ତାରିଖରୁ ବୀର ସୁରେନ୍ଦ୍ର ସାଏ ଷ୍ଟାଡ଼ିୟମଠାରେ ଅନୁଷ୍ଠିତ ହେବ। ଏହି ଶିବିରରେ ଭାଗ ନେବା ନିମନ୍ତେ ପ୍ରାର୍ଥୀ/ପ୍ରାର୍ଥିନୀଙ୍କ ଜନ୍ମ ୦୧/୦୧/୨୦୧୩ ଠାରୁ ୩୧/୧୨/୨୦୧୪ ମଧ୍ୟରେ ହୋଇଥିବା ଅନିବାର୍ଯ୍ୟ। ଏହି ଶିବିରରେ ଭାଗ ନେବା ନିମନ୍ତେ ଇଚ୍ଛୁକ ପ୍ରାର୍ଥୀ/ପ୍ରାର୍ଥିନୀ ୫ ତାରିଖ ସକାଳ ୬ଟା ସମୟରେ ନିଜର ଡିଜିଟାଲ ଜନ୍ମ ପ୍ରମାଣପତ୍ର ଓ ଆଧାର କାର୍ଡର ଅରିଜିନାଲ ଓ ଜେରକ୍ସ ଏବଂ ପାସପୋର୍ଟ ଫଟୋ ସହିତ ବୀର ସୁରେନ୍ଦ୍ର ସାଏ ଷ୍ଟାଡ଼ିୟମଠାରେ ଉପସ୍ଥିତ ରହି ନିଜର ନାମ ପଞ୍ଜିକରଣ କରାଇବାକୁ ଜିଲ୍ଲା କ୍ରୀଡ଼ା ସଂଘ ପକ୍ଷରୁ ସାଧାରଣ ସମ୍ପାଦକ ସୁନୀଲ କୁମାର ସାହୁ ପ୍ରେସ ବିଜ୍ଞପ୍ତି ଜରିଆରେ ଜଣାଇଛନ୍ତି। ଏନେଇ ଅଧିକ ତଥ୍ୟ ସକାଶେ କ୍ରୀଡ଼ା ସଂଘର ଫୁଟବଲ ସମ୍ପାଦକ ଅବଦୁଲ ଗଫର (ମୋ. ୮୭୬୩୪୨୯୭୮୬/୯୧୨୪୫୯୭୩୯୦) ରେ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି।

# ବଡ଼ମାଳ ବଜାରରେ ଜଳଛତ୍ର ଶୁଭାରମ୍ଭ



**କୁତ୍ରା, ୪।୫ (ସମିସ):** ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ ଅନ୍ତର୍ଗତ ବଡ଼ମାଳ ଗ୍ରାମଠାରେ ଥିବା ବଜାରରେ ଗଇରବାହାଲ ଇନ୍ଦିରା କଲୋନୀ ଯୁବା କ୍ଲବ୍ ପକ୍ଷରୁ ଜଳଛତ୍ରର ଶୁଭାରମ୍ଭ କରାଯାଇଛି। ଅଞ୍ଚଳରେ ଦିନକୁ ଦିନ ଗ୍ରୀଷ୍ମ ପ୍ରଭାବ ବଢ଼ିବାରେ ଲାଗିଛି। ଫଳରେ ଜନସାଧାରଣମାନେ ପିଇବା ପାଣି ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାକୁ ଆଖି ଆଗରେ ରଖି ବଡ଼ମାଳ ବଜାରଠାରେ ଗଇରବାହଲ ଇନ୍ଦିରା କଲୋନୀ ଯୁବା କ୍ଲବ ପକ୍ଷରୁ ଜଳଛତ୍ର ଖୋଲାଯାଇଛି। ନୂଆଁଗା ସରପଞ୍ଚ ସାୟୁନ ସାମଦ ଓ ସମିତିସଭ୍ୟା ଜ୍ୟୋସ୍ନା କେରକେଟାଙ୍କ ଉପସ୍ଥିତରେ ଏହି ଜଳଛତ୍ରର ଶୁଭାରମ୍ଭ କରାଯାଇଥିଲା। ଏହି ସମୟରେ କ୍ଲବ୍‌ର ସଭାପତି ବିଶାଳ ନାଗ, ଉପସଭାପତି ସନ୍ତୋଷ ବାଡାଇକ, ସମ୍ପାଦକ ଅନୁଗ୍ରହ ବେକ, ସହସମ୍ପାଦକ ମନୋଜ କେସାଇ, କୋଷାଧ୍ୟକ୍ଷ ସାୱନ ତାର୍କି, ଉପଦେଷ୍ଟା ବିଶ୍ରାମ ତାର୍କି ଓ କ୍ଲବର ସମସ୍ତ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ମହାସମାଧାନ ଶିବିର

**ଝାରସୁଗୁଡା, ୪।୫(ସମିସ):** ଝାରସୁଗୁଡା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ମହାସମାଧାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଝାରସୁଗୁଡା ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ, ଆରକ୍ଷୀ ଅଧିକ୍ଷକ ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର, ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ବିଶ୍ୱ ରଞ୍ଜନ ନାୟକ, ଉପ ଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା, ସହକାରୀ ଜିଲ୍ଲାପାଳ ମୃତ୍ୟୁଞ୍ଜୟ ଶବରଙ୍କ ସହିତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ଥିଲେ। ଶିବିରରେ ସମୁଦାୟ ୬୮ ଟି ଅଭିଯୋଗ ପଞ୍ଜୀକରଣ ହୋଇଥିବା ବେଳେ ସେଥିରୁ ୪୯ଟି ବ୍ୟକ୍ତିଗତ ସମସ୍ୟା ଓ ୧୯ଟି ସାମୁହିକ ଗ୍ରାମ୍ୟ ସମସ୍ୟା ରହିଥିଲା। ବ୍ୟକ୍ତିଗତ ଅଭିଯୋଗମାନଙ୍କ ମଧ୍ୟରୁ ୫ ଜଣଙ୍କୁ ମୋଟ ୭୦, ୦୦୦ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ଏହି ଶିବିରରେ ଜମି ବିବାଦ, ପାଣି ଯୋଗାଣ ସମସ୍ୟା, ରାସ୍ତା ନିର୍ମାଣ ଓ ମରାମତି ସମସ୍ୟା, ଆର୍ଥିକ ସହାୟତା ଇତ୍ୟାଦି ସମ୍ପର୍କିତ ବିଭିନ୍ନ ଅଭିଯୋଗ ଆସିଥିଲା। ସମସ୍ତ ଅଭିଯୋଗର ତ୍ୱରିତ ସମାଧାନ ପାଇଁ ସମ୍ପର୍କିତ ବିଭାଗକୁ ନିର୍ଦ୍ଦେଶ ଜାରି କରାଯାଇଛି।



# ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି



**ଦେବଗଡ଼, ୪।୫(ସମିସ):** ଜିଲ୍ଲପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ଆଜି ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁ ଯୋଗଦେଇ ୪୪ ଟି ଅଭିଯୋଗ ଗ୍ରହଣ କରିବା ସହ ଆବଶ୍ୟକ ପଦକ୍ଷେପ ନେବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅଭିଯୋଗ ମଧ୍ୟରେ ୨୮ଟି ବ୍ୟକ୍ତିଗତ ଏବଂ ୧୬ଟି ସାମୁହିକ ଅଭିଯୋଗ ରହିଥିବା ଜଣାପଡ଼ିଛି। ବିଶେଷ କରି ଜମି ବାଡ଼ି, ପାନୀୟ ଜଳ, ସୁଭଦ୍ରା ଯୋଜନା, ରାସ୍ତା ନିର୍ମାଣ ଓ ବିଦ୍ୟୁତ୍ ସଂଯୋଗୀକରଣ ସମ୍ପର୍କିତ ଅଭିଯୋଗ ହୋଇଥିଲା। ଅଭିଯୋଗ ଗୁଡିକ ଶୁଣିବା ପରେ ତୁରନ୍ତ ସମାଧାନ ପାଇଁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଶିବିରରେ ଭାରପ୍ରାପ୍ତ ଆରକ୍ଷୀ ଅଧିକ୍ଷକ ଧୀରଜ୍ ଚୋପଦାର, ବନଖଣ୍ଡ ଅଧିକାରୀ ମିସ୍ ରଶ୍ମି ଜି, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ରାଜେନ୍ଦ୍ର କୁମାର ମିଞ୍ଜ, ଉପଜିଲ୍ଲାପାଳ ପରିକ୍ଷିତ ସାହୁ, ତହସିଲଦାର କର୍ଣ୍ଣ ମଲିକ୍, ଡେପୁଟି କଲେକ୍ଟର ଅଞ୍ଜୁନି କୁଜୁର ସମେତ ସମସ୍ତ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଯୁବପିଢ଼ିଙ୍କୁ ସନ୍ତରଣର ମୌଳିକ କୌଶଳ ପ୍ରଶିକ୍ଷଣ

**ଦେବଗଡ଼, ୪।୫(ସମିସ):** ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ପକ୍ଷରୁ ଯୁବପୀଢ଼ିଙ୍କ ପାଇଁ ସନ୍ତରଣର ମୌଳିକ କୌଶଳ ସମ୍ପର୍କିତ ୬ ଦିନିଆ ପ୍ରଶିକ୍ଷଣ ଶିବିର ଆଜି ଶୁଭାରମ୍ଭ ହୋଇଯାଇଛି। ଏହି ଉପଲକ୍ଷେ ଦେବଗଡ଼ ଜିଲ୍ଲା ଜରୁରୀକାଳୀନ ଅଧିକାରୀ ମୁକେଶ କୁମାର ଭୋଇଙ୍କ ତତ୍ତ୍ୱାବଧାନରେ ଓସ୍‌ଡମା ଅଧିକାରୀ ଓ କର୍ମଚାରୀମାନେ ଷୋହଳ ବଖରୀ କଟାଠାରେ ଯୁବପିଢୀଙ୍କୁ ସନ୍ତରଣ ଏବଂ ପାଣିରେ ବୁଡ଼ି ଯିବାପରେ ବଞ୍ଚିବାର ମୌଳିକ କୌଶଳ ଉପରେ ତାଲିମ ପ୍ରଦାନ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲ୍ଲପାଳ କବିନ୍ଦ୍ର କୁମାର ସାହୁ ଓ ସମ୍ମାନିତ ଅତିଥି ଭାବେ ଭାରପ୍ରାପ୍ତ ଆରକ୍ଷୀ ଅଧିକ୍ଷକ ଧୀରଜ୍ ଚୋପଦାର ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, ଉପଜିଲ୍ଲାପାଳ ପରିକ୍ଷିତ ସାହୁ, ଭାରପ୍ରାପ୍ତ ପୌରପରିଷଦ ଅଧ୍ୟକ୍ଷ ପ୍ରଜିତ କୁମାର ଭୋଜ ଓ ଜିଲ୍ଲା ପଞ୍ଚାୟତ ଅଧିକାରୀ ହେମନ୍ତ ସିଂ ପ୍ରମୁଖ ଯୋଗଦେଇଥିଲେ। ପ୍ରାକୃତିକ ବିପର୍ଯ୍ୟୟ ପରିସ୍ଥିତିରେ କିଭଳି ଭାବରେ ଜନ ସାଧାରଣଙ୍କୁ ଉଦ୍ଧାର କରାଯାଇପାରିବ, ସେ ସମ୍ପର୍କରେ ଅତିଥିମାନେ କହିଥିଲେ। ଏହି ତାଲିମ କାର୍ଯ୍ୟକ୍ରମ ଆଜିଠାରୁ ଆସନ୍ତା ୯ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ତାଲିମ ଶିବିରର ପ୍ରଥମ ବ୍ୟାଚ ପାଇଁ ଓଡ୍ରାଫ୍ ବାହିନୀ ତତ୍ତ୍ୱାବଧାନରେ ମାର୍ଗ ଦର୍ଶନ ଓ ତାଲିମ ପ୍ରଦାନ କରାଯିବ। ଏହି ଶିବିରରେ ଦେବଗଡ଼ ମହାବିଦ୍ୟାଳୟର ୩୦ ଜଣ ଛାତ୍ର ଅଂଶ ଗ୍ରହଣ କରିଥିବା ଜଣାପଡ଼ିଛି। କାର୍ଯ୍ୟକ୍ରମରେ ଜିଲ୍ଲା କ୍ରୀଡ଼ା ସଂସଦ ସମ୍ପାଦକ ଧୀରେନ୍ଦ୍ର ନାୟକ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର, ପୁଲିସ ବିଭାଗ ଓ ଓଡ୍ରାଫ୍ ଟିମ୍ ପ୍ରମୁଖ ଉପସ୍ଥିତ ଥିଲେ।




# ବଣାଇଁର ପ୍ରସିଦ୍ଧ ଚୈତ୍ର ପର୍ବ ଉଦ୍‌ଯାପିତ

ବଣାଇଁ, ୪।୫(ସମିସ)

ମାସେ ବ୍ୟାପି ଚାଲିଥିବା ବଣାଇଁର ପ୍ରସିଦ୍ଧ ଚୈତ୍ର ପର୍ବ ରବିବାର ଉଦ୍‌ଯାପିତ ହୋଇଛି। ଏପ୍ରିଲ ୬ ତାରିଖରୁ ଆରମ୍ଭ ହୋଇଥିବା ଏହି ପର୍ବ ମାସେ ବ୍ୟାପି ଅଞ୍ଚଳବାସୀଙ୍କୁ ଆନନ୍ଦ ଓ ଆଧ୍ୟାତ୍ମିକ ଭାବନାରେ ଭିଜାଇ ରଖିଥିଲା। ପ୍ରଥମ ପର୍ଯ୍ୟାୟରେ ନବଦିନାୟକ ମା’ ବାସୁଳୀଙ୍କ ପୂଜା ଅନୁଷ୍ଠିତ ହୋଇଥିଲା। ପରେ ଏପ୍ରିଲ ୧୩ ଠାରୁ ୧୮ ତାରିଖ ପର୍ଯ୍ୟନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମୀନା ବଜାର, ଦୋଳି ଏବଂ ବିଭିନ୍ନ ପ୍ରକାର ଖାଦ୍ୟ ଷ୍ଟଲ୍‌ଗୁଡ଼ିକ ଲୋକମାନଙ୍କ ପାଇଁ ମୁଖ୍ୟ ଆକର୍ଷଣ ସାଜିଥିଲା। ଏହା ସହିତ କଳିଙ୍ଗ ଗଣନାଟ୍ୟ ପକ୍ଷରୁ ତିନି ଦିନ ଧରି ଅପେରା ପ୍ରଦର୍ଶନ ଦର୍ଶକମାନଙ୍କୁ ମନୋରଞ୍ଜନ ଦେଇଥିଲା। ଚୈତ୍ର ମେଳା କମିଟିର ସ୍ଥାୟୀ ସଭାପତି ବୀର କେଶରୀ ଇନ୍ଦ୍ରଦେଓ ଦେବଙ୍କ ନିର୍ଦ୍ଦେଶନାରେ ସମସ୍ତ କାର୍ଯ୍ୟ ସୁଚାରୁ ଭାବେ ସମ୍ପନ୍ନ ହୋଇଥିଲା। ଏହି ପର୍ବକୁ ଓଡ଼ିଶା ସରକାରଙ୍କ ଭାଷା ଓ ସଂସ୍କୃତି ବିଭାଗ, ସୁନ୍ଦରଗଡ଼ ଜିଲ୍ଲା ପ୍ରଶାସନ, ବଣାଇଁ ଉପଖଣ୍ଡ ପ୍ରଶାସନ, ପୋଲିସ, ସ୍ୱାସ୍ଥ୍ୟ, ଅଗ୍ନିଶମ, ବିଦ୍ୟୁତ ଓ ପଞ୍ଚାୟତିରାଜ ବିଭାଗର ସହଯୋଗ ମିଳିଥିଲା। ସେହିପରି କେନ୍ଦ୍ର ଆଦିବାସୀ କଲ୍ୟାଣ ମନ୍ତ୍ରୀ ଜୁଏଲ ଓରାମ, ଉପବାଚସ୍ପତି ଭବାନୀ ଶଙ୍କର ଭୋଇ, ପଞ୍ଚାୟତି ରାଜ ମନ୍ତ୍ରୀ ରବି ନାରାୟଣ ନାୟକ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ବଣାଇଁ ବିଧାୟକ ଲକ୍ଷ୍ମଣ ମୁଣ୍ଡାଙ୍କ ସମେତ ବହୁ ଗଣ୍ୟମାନ୍ୟ ବ୍ୟକ୍ତି ଉପସ୍ଥିତ ରହି ପର୍ବର ଗରିମା ବଢ଼ାଇଥିଲେ। ଚୈତ୍ର ପର୍ବକୁ ସଫଳ କରିବାରେ ସେବାୟତମାନେ ଓ ବଣାଇଁର ସାଧାରଣ ଲୋକଙ୍କ ଅକୁଣ୍ଠ ସହଯୋଗ ଥିବାରୁ ଚୈତ୍ର ପର୍ବ କମିଟି ପକ୍ଷରୁ ସମସ୍ତଙ୍କୁ ଧନ୍ୟବାଦ ଜଣାଯାଇଛି। କମିଟିର ସମ୍ପାଦକ ସୁଦିତ ସାହୁ, କୋଷାଧ୍ୟକ୍ଷ ଧୀରୋଜ ସାହୁ ସହିତ ବିଶ୍ୱଜିତ ସାହୁ, ସଞ୍ଜୀବ କୁମାର ମହାନ୍ତି, ପଦ୍ମ ଚରଣ ଆଚାର୍ଯ୍ୟ, ଜୟନ୍ତ ନାରାୟଣ ଦେଓ, ଭବତୋଷ ଦେଓ, ସଚିନ୍ଦ୍ର ସାହୁ, ଚିନ୍ମୟ ତ୍ରିପାଠୀ, ସମ୍ପଦ ଦ୍ୱିବେଦୀ, ପୂର୍ଣ୍ଣ ଚନ୍ଦ୍ର ସାମଲ, ରମାକାନ୍ତ ବାବୁ ପ୍ରମୁଖ ମାସେ ବ୍ୟାପି ମେଳାରେ ସକ୍ରିୟ ଭାବେ ସହଯୋଗ କରିଥିଲେ।



